[2010] 1 S.C.R. 801

# ସି. ଆଇ. ଟି, ମୁମ୍ବାଇ

*ବନାମ*

# ମେସର୍ସ ଏମ୍ପି ପଲି-ୟାର୍ନ୍ ପ୍ରାଇଭେଟ୍ ଲିମିଟେଡ୍

(ଦେୱାନୀ ଅପିଲ ସଂଖ୍ୟା 786/2010)

ଜାନୁଆରୀ 20, 2010

**[ଏସ୍. ଏଚ୍. କପାଡିଆ ଏବଂ ଏଚ୍. ଏଲ୍. ଦତ୍ତୁ, ନ୍ୟାୟମୂର୍ତ୍ତିଦ୍ୱୟ]**

ଆୟକର ଅଧିନିୟମ, 1961:

*ଧାରା 80 IA - 'ଉତ୍ପାଦନ' - ଆଂଶିକ ରୂପରେ ଉନ୍ମୁଖ ସୂତା (POY) ର ଟ୍ୱିଷ୍ଟିଂ ଏବଂ ଟେକ୍ସଚରାଇଜିଂ - ନିର୍ଣ୍ଣୟ କରାଯାଇଥିଲା: ବିଶେଷଜ୍ଞଙ୍କ ଦ୍ୱାରା ପ୍ରଦତ୍ତ ମତର ପ୍ରକାଶରେ ପ୍ରକ୍ରିୟାକୁ ଧ୍ୟାନରେ ରଖିଲେ, ଯାହା ବିବାଦିତ ହୋଇନାହିଁ, POY ହେଉଛି ଏକ ଅର୍ଦ୍ଧ-ସମାପ୍ତ ତନ୍ତୁ ଅଟେ ଯାହା ଆବଳନ କିମ୍ବା ପ୍ରସ୍ଥ ଭାଗରେ ରଖି ବୁଣିବା ପାଇଁ ସକ୍ଷମ ନୁହେଁ, ଏହା କେବଳ ଏକ ଟେକ୍ସଚରାଇଜ୍ ସୂତା ତିଆରି ପାଇଁ ବ୍ୟବହୃତ ହୋଇପାରେ, ଯାହା ଫଳସ୍ୱରୂପ, କପଡା ଉତ୍ପାଦନରେ ବ୍ୟବହୃତ ହୋଇପାରେ - ତେଣୁ, POYକୁ ସିଧାସଳଖ କପଡ଼ା ଉତ୍ପାଦନ ପାଇଁ ବ୍ୟବହାର କରାଯାଇପାରିବ ନାହିଁ - ବିଶେଷଜ୍ଞଙ୍କ ଅନୁଯାୟୀ, POYରେ ଏକ ପ୍ରକ୍ରିୟା ଯାହାକୁ ତାପ-ଯାନ୍ତ୍ରିକ ପ୍ରକ୍ରିୟା କୁହାଯାଏ, ତାକୁ ପ୍ରୟୋଗ କରି କୁଞ୍ଚିତ କରିବା ଏବଂ ବୃହଦାକୃତି ଦେବା ଇତ୍ୟାଦି ଆରମ୍ଭ କରାଯାଇଥାଏ, ଯାହା POYକୁ ଏକ ଟେକ୍ସଚରାଇଜ୍ଡ୍ ସୂତାରେ ପରିଣତ କରେ - ଯଦି ତାପ ଯାନ୍ତ୍ରିକ ପ୍ରକ୍ରିୟାକୁ ବିସ୍ତୃତ ଭାବରେ ଯାଞ୍ଚ କରାଯାଏ, ତେବେ ଏହା ସ୍ପଷ୍ଟ ହୋଇଯାଏ ଯେ POYକୁ ଟେକ୍ସଚରାଇଜ୍ଡ୍ ସୂତା ରେ ରୂପାନ୍ତରିତ କରିବା ପ୍ରସଙ୍ଗରେ ସୂତାର ଟେକ୍ସଚରାଇଜିଂ ଏବଂ ଟ୍ୱିଷ୍ଟିଂ 'ଉତ୍ପାଦନ' କୁ ଅନ୍ତର୍ଭୁକ୍ତ କରେ - ଏହା ବ୍ୟତୀତ, 2009 ରେ ସଂଶୋଧିତ ହୋଇଥିବା ଆୟକର ଅଧିନିୟମ ଅନୁଯାୟୀ, ମେସର୍ସ ଓରାକଲ୍ ସଫ୍ଟୱେର୍ ମାମଲାରେ* ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ପରୀକ୍ଷଣକୁ ସ୍ୱୀକୃତି ଦିଆଯାଇଛି ଯେତେବେଳେ ଅର୍ଥ ଅଧିନିୟମ ସଂଖ୍ୟା 2/2009 ଦ୍ୱାରା 'ଉତ୍ପାଦନ' ଶବ୍ଦର ସଂଜ୍ଞା ସ୍ପଷ୍ଟ କରାଯାଇଛି ଯେଉଁଥିରେ କୁହାଯାଇଛି ଯେ ଅନ୍ୟାନ୍ୟ ବିଷୟ ମଧ୍ୟରେ 'ଉତ୍ପାଦନ', ଏକ ନୂତନ ଏବଂ ସ୍ୱତନ୍ତ୍ର ବସ୍ତୁ କିମ୍ବା ଜିନିଷକୁ ଅସ୍ତିତ୍ୱକୁ ଆଣିବାରେ କିମ୍ବା ଜିନିଷରେ ଏକ ଭିନ୍ନ ରାସାୟନିକ ସଂରଚନା କିମ୍ବା ଅବିଚ୍ଛେଦ୍ୟ*

*ସଂରଚନାରେ ପରିବର୍ତ୍ତନ ହେବାକୁ ସୂଚାଇବ - ତେଣୁ, ଏହା ଉଲ୍ଲେଖ କରାଯାଇପାରେ ଯେ ତାପ ଯାନ୍ତ୍ରିକ ପ୍ରକ୍ରିୟା ମଧ୍ୟ ସୂତାରେ ଏକ ସଂରଚନାତ୍ମକ ପରିବର୍ତ୍ତନ ଆଣିଥାଏ, ଯାହା ପ୍ରକ୍ରିୟା ଉତ୍ପାଦନ କି ନୁହେଁ ତାହା ବିଚାର କରିବା ସମୟରେ ଦେଖାଯିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ମଧ୍ୟରୁ ଗୋଟିଏ ଅଟେ - ପ୍ରକ୍ରିୟାଟି ଏକ ଉତ୍ପାଦନ କି ନୁହେଁ, ଏହି ପ୍ରଶ୍ନ ନିର୍ଣ୍ଣୟ କରିବା ସମୟରେ ଉତ୍ପାଦର ଢାଞ୍ଚା, ପ୍ରକୃତି, ବ୍ୟବହାର ଏବଂ ନାମକୁ ଧ୍ୟାନରେ ରଖିବା ଆବଶ୍ୟକ ।*

** C.I.T. ବନାମ ମେସର୍ସ ଓରାକଲ୍ ସଫ୍ଟୱେର୍ ଇଣ୍ଡିଆ ଲିମିଟେଡ୍* **2010 (1) SCALE 425, ଉପରେ ନିର୍ଭର କରାଯାଇଥିଲା ।**

*କମିଶନର ଅଫ୍ ସେଣ୍ଟ୍ରାଲ ଏକ୍ସାଇଜ, ମୁମ୍ବାଇ-V* ବନାମ *ସ୍ୱସ୍ତିକ ରେୟନ ପ୍ରସେସର* **2007 (209) E.L.T. 163 (S.C.), ପ୍ରଯୁଜ୍ୟ ନୁହେଁ ବୋଲି ନିର୍ଣ୍ଣୟ କରାଯାଇଥିଲା ।**

*'ଉତ୍ପାଦନ - ଉତ୍ପାଦ ପାଇଁ ପ୍ରଯୁଜ୍ୟ ପ୍ରକ୍ରିୟାର ଯାଞ୍ଚ - ନିର୍ଣ୍ଣୟ କରାଯାଇଥିଲା: ପ୍ରଶ୍ନରେ ଥିବା ଉତ୍ପାଦ ପାଇଁ ପ୍ରଯୁଜ୍ୟ ପ୍ରକ୍ରିୟାକୁ ଯାଞ୍ଚ କରିବା ଏବଂ କେବଳ ଶବ୍ଦକୋଷର ଅର୍ଥ ଦ୍ୱାରା ନ ଯିବା ପାଇଁ ବାରମ୍ବାର ସର୍ବୋଚ୍ଚ ନ୍ୟାୟାଳୟ ବିଭାଗକୁ ସୁପାରିଶ କରିଛନ୍ତି, ତାହା ଅବକାରୀ ଅଧିନିୟମ, ସୀମା ଶୁଳ୍କ ଅଧିନିୟମ କିମ୍ବା ଆୟକର ଅଧିନିୟମ ଅନୁଯାୟୀ ହେଉ, - ଏହି ସୁପାରିଶ ବର୍ଷ ବର୍ଷ ଧରି ପାଳନ କରାଯାଉନାହିଁ - ଏପରିକି ଯେତେବେଳେ କରଦାତା ଏକ ପ୍ରଦତ୍ତ ପ୍ରକ୍ରିୟା ଉପରେ ମତ ପୋଷଣ କରନ୍ତି, ଯେଉଁଠାରେ ଏପରି ଓଲଟା ମତ ସମ୍ଭବ, ବିଭାଗ କୌଣସି ଓଲଟା ମତ ଦାଖଲ କରେ ନାହିଁ - ତେବେ, ପ୍ରଥମ ଦୃଷ୍ଟିଗତ ଭାବେ ଏହି ମାମଲାରେ, ମୁମ୍ବାଇ ବିଶ୍ୱବିଦ୍ୟାଳୟ ଦ୍ୱାରା ଦିଆଯାଇଥିବା ମତକୁ ନେଇ କୌଣସି ଓଲଟା ମତ ଉତ୍ପନ୍ନ ହେବାର ସମ୍ଭାବନା ନାହିଁ - ଏହି ରାୟ ବର୍ତ୍ତମାନର ମାମଲାର ତଥ୍ୟ ମଧ୍ୟରେ ସୀମିତ ରହିବ - ଏହା କୁହାଯାଇ ନାହିଁ ଯେ ପ୍ରତ୍ୟେକ ଜିନିଷରେ ଆପେଆପେ ଟେକ୍ସଚରାଇଜିଂ କିମ୍ବା ଟ୍ୱିଷ୍ଟିଂ କରିବା ଉତ୍ପାଦନ ସହିତ ସମାନ ହେବ - ଏହା ହେଉଛି ତାପ ଯାନ୍ତ୍ରିକ ପ୍ରକ୍ରିୟା ଯାହା ଆଂଶିକ ରୂପରେ ଉନ୍ମୁଖ ସୂତା ଉପରେ ପ୍ରୟୋଗ କରିବା ସମୟରେ ଟ୍ୱିଷ୍ଟିଂ ଏବଂ ଟେକ୍ସଚରାଇଜିଂରେ ସଂଲଗ୍ନ ହୋଇଥାଏ, ଯାହା ପ୍ରକ୍ରିୟାକୁ ଏକ ଉତ୍ପାଦନ ରୂପେ ଗଣନା କରିଥାଏ - କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ, 1944ସୀମା ଶୁଳ୍କ ଅଧିନିୟମ, 1962 - ଭାରତୀୟ ସମ୍ବିଧାନ, 1951 - ଅନୁଚ୍ଛେଦ 141 ।*

*ଶବ୍ଦ ଏବଂ ବାକ୍ୟାଂଶ:*

C.I.T., ମୁମ୍ବାଇ *ବନାମ* ଏମ୍‌ଟୀ ପଲି-ୟାର୍ନ୍ ପ୍ରାଇଭେଟ ଲିମିଟେଡ

*ଅଭିବ୍ୟକ୍ତି 'ଉତ୍ପାଦନ' - ଆୟକର ଅଧିନିୟମ, 1961ର ଧାରା 80 IA ପରିପ୍ରେକ୍ଷୀରେ ଏହାର ଅର୍ଥ ।*

**ନିର୍ଣ୍ଣୟ ଆଇନ ସନ୍ଦର୍ଭ:**

**2010 (1) ସ୍କେଲ୍ 425 ନିର୍ଭରଶୀଳତା ରଖିଥିଲା ଅନୁଚ୍ଛେଦ 7 ଉପରେ ।**

**2007 (209) E.L.T. 163 (S.C.) ପ୍ରଯୁଜ୍ୟ ନୁହେଁ ବୋଲି ନିର୍ଣ୍ଣୟ କରାଯାଇଥିଲା ଅନୁଚ୍ଛେଦ 9**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 786/2010 ।

ITA ସଂଖ୍ୟା 1393/2000ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 27.02.2008 ତାରିଖର ରାୟ ଏବଂ ଆଦେଶରୁ ।

ସହିତ

C.A. ସଂଖ୍ୟା 787, 788, 789, 790, 791, 792/2010

ଅପିଲକାରୀଙ୍କ ପକ୍ଷରୁ ଅରିଜିତ ପ୍ରସାଦ, ରାହୁଲ କୌଶିକ, ବି. ଭି. ବଳରାମ ଦାସ ।

ଉତ୍ତରଦାତାଙ୍କ ପକ୍ଷରୁ ଭି. ଲକ୍ଷ୍ମୀ କୁମାରନ୍, ଆଲୋକ ଯାଦବ, ଅଙ୍କୁର, ଏମ୍. ପି. ଦବାନାଥ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା

ଆଦେଶ

1. ଅନୁମତି ମଞ୍ଜୁର କରାଗଲା ।

2. ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

3. ଦେୱାନୀ ଅପିଲଗୁଡିକର ଏହି ସମୂହର ନିର୍ଣ୍ଣୟ ପାଇଁ ଯେଉଁ ସଂକ୍ଷିପ୍ତ ପ୍ରଶ୍ନ ଉତ୍ଥାପିତ ହେଉଛି ତାହା ହେଉଛି: ଆୟକର ଅଧିନିୟମ, 1961ର ଧାରା 80IA ଅନୁଯାୟୀ ଆଂଶିକ ଭାବେ ଉନ୍ମୁଖ ସୂତା (ସଂକ୍ଷିପ୍ତରେ 'POY') କୁ ଟ୍ୱିଷ୍ଟିଂ ଏବଂ ଟେକ୍ସଚରାଇଜିଂ କରିବା 'ଉତ୍ପାଦନ' ସହିତ ସମାନ କି?

4. ଦେୱାନୀ ଅପିଲଗୁଡିକର ଏହି ସମୂହର ମୁଖ୍ୟ ମାମଲା ହେଉଛି *C.I.T., ମୁମ୍ବାଇ ବନାମ ମେସର୍ସ ଏମ୍ପି ପଲି-ୟାର୍ନ ପ୍ରାଇଭେଟ୍ ଲିମିଟେଡ୍* (S.L.P. (C) ସଂଖ୍ୟା 26482/2008 ରୁ ଉତ୍ପନ୍ନ ଦେୱାନୀ ଅପିଲ), ଯେଉଁଥିରେ ପ୍ରାସଙ୍ଗିକ ଆକଳନ ବର୍ଷ 1996-97 ଅଟେ ।

5. ପ୍ରଶ୍ନରେ ଥିବା ଉତ୍ପାଦ ପାଇଁ ପ୍ରଯୁଜ୍ୟ ପ୍ରକ୍ରିୟାକୁ ଯାଞ୍ଚ କରିବା ଏବଂ କେବଳ ଶବ୍ଦକୋଷର ଅର୍ଥ ଦ୍ୱାରା ନ ଯିବା ପାଇଁ ବାରମ୍ବାର ଏହି ନ୍ୟାୟାଳୟ ବିଭାଗକୁ ସୁପାରିଶ କରିଛନ୍ତି, ତାହା ଅବକାରୀ ଅଧିନିୟମ, ସୀମା ଶୁଳ୍କ ଅଧିନିୟମ କିମ୍ବା ଆୟକର ଅଧିନିୟମ ଅନୁଯାୟୀ ହେଉ । ଏହି ସୁପାରିଶ ବର୍ଷ ବର୍ଷ ଧରି ପାଳନ କରାଯାଉନାହିଁ । ଏପରିକି ଯେତେବେଳେ କରଦାତା ଏକ ପ୍ରଦତ୍ତ ପ୍ରକ୍ରିୟା ଉପରେ ମତ ପୋଷଣ କରନ୍ତି, ଯେଉଁଠାରେ ଏପରି ଓଲଟା ମତ ସମ୍ଭବ, ବିଭାଗ କୌଣସି ଓଲଟା ମତ ଦାଖଲ କରେ ନାହିଁ । ତେବେ, ପ୍ରଥମ ଦୃଷ୍ଟିଗତ ଭାବେ ଏହି ମାମଲାରେ, 10 ଜୁଲାଇ, 1999 ତାରିଖର ଚିଠି ଦ୍ୱାରା ମୁମ୍ବାଇ ବିଶ୍ୱବିଦ୍ୟାଳୟ ଦ୍ୱାରା ଦିଆଯାଇଥିବା ମତକୁ ନେଇ କୌଣସି ଓଲଟା ମତ ଉତ୍ପନ୍ନ ହେବାର ସମ୍ଭାବନା ଆମେ ଦେଖୁନାହୁଁ ।

6. ଉପରୋକ୍ତ ଉପକ୍ରମଣିକା ସହିତ, ଆମକୁ ଉପରୋକ୍ତ ପ୍ରଶ୍ନକୁ ଯାଞ୍ଚ କରିବାକୁ ପଡିବ ଯେ POYର ଟ୍ୱିଷ୍ଟିଂ ଏବଂ ଟେକ୍ସଚରାଇଜିଂ 'ଉତ୍ପାଦନ' ସହିତ ସମାନ କି । ପ୍ରାରମ୍ଭରୁ, ଆମେ ସ୍ପଷ୍ଟ କରିବାକୁ ଚାହୁଁ ଯେ ଆମର ରାୟ ଏହି ଅର୍ଥ ପ୍ରକାଶ କରୁଛି ବୋଲି ଭାବିବା ଉଚିତ ନୁହେଁ ଯେ ଆପେଆପେ ପ୍ରତ୍ୟେକ କ୍ଷେତ୍ରରେ ଟ୍ୱିଷ୍ଟିଂ ଏବଂ ଟେକ୍ସଚରାଇଜିଂ 'ଉତ୍ପାଦନ' କୁ ଅନ୍ତର୍ଭୁକ୍ତ କରିବ । ପ୍ରତ୍ୟେକ ମାମଲାରେ, ଜଣେ କରଦାତାଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟାକୁ ଯାଞ୍ଚ କରିବାକୁ ପଡିବ ।

7. ବିଶେଷଜ୍ଞଙ୍କ ଦ୍ୱାରା ପ୍ରଦତ୍ତ ମତର ପ୍ରକାଶରେ ପ୍ରକ୍ରିୟାକୁ ଧ୍ୟାନରେ ରଖିଲେ, ଯାହା ବିବାଦିତ ହୋଇନାହିଁ, POY ହେଉଛି ଏକ ଅର୍ଦ୍ଧ-ସମାପ୍ତ ତନ୍ତୁ ଅଟେ ଯାହା ଆବଳନ କିମ୍ବା ପ୍ରସ୍ଥ ଭାଗରେ ରଖି ବୁଣିବା ପାଇଁ ସକ୍ଷମ ନୁହେଁ, ଏହା କେବଳ ଏକ ଟେକ୍ସଚରାଇଜ୍ ସୂତା ତିଆରି ପାଇଁ ବ୍ୟବହୃତ ହୋଇପାରେ, ଯାହା ଫଳସ୍ୱରୂପ, କପଡା ଉତ୍ପାଦନରେ ବ୍ୟବହୃତ ହୋଇପାରେ । ଅନ୍ୟ ଶବ୍ଦରେ କହିବାକୁ ଗଲେ, POYକୁ ସିଧାସଳଖ କପଡ଼ା ଉତ୍ପାଦନ ପାଇଁ ବ୍ୟବହାର କରାଯାଇପାରିବ ନାହିଁ । ବିଶେଷଜ୍ଞଙ୍କ ଅନୁଯାୟୀ, POYରେ ଏକ ପ୍ରକ୍ରିୟା ଯାହାକୁ ତାପ-ଯାନ୍ତ୍ରିକ ପ୍ରକ୍ରିୟା କୁହାଯାଏ, ତାକୁ ପ୍ରୟୋଗ କରି କୁଞ୍ଚିତ କରିବା ଏବଂ ବୃହଦାକୃତି ଦେବା ଇତ୍ୟାଦି ଆରମ୍ଭ କରାଯାଇଥାଏ, ଯାହା POYକୁ ଏକ ଟେକ୍ସଚରାଇଜ୍ଡ ସୂତାରେ ପରିଣତ କରେ । ଯଦି ଜଣେ ତାପ

ଯାନ୍ତ୍ରିକ ପ୍ରକ୍ରିୟାକୁ ବିସ୍ତୃତ ଭାବରେ ଯାଞ୍ଚ କରନ୍ତି, ତେବେ ଏହା ସ୍ପଷ୍ଟ ହୋଇଯାଏ ଯେ POYକୁ ଟେକ୍ସଚରାଇଜ୍ଡ ସୂତା ରେ ରୂପାନ୍ତରିତ କରିବା ପ୍ରସଙ୍ଗରେ ସୂତାର ଟେକ୍ସଚରାଇଜିଂ ଏବଂ ଟ୍ୱିଷ୍ଟିଂ 'ଉତ୍ପାଦନ' କୁ ଅନ୍ତର୍ଭୁକ୍ତ କରେ । ଏହି ପର୍ଯ୍ୟାୟରେ, ଆମେ 2010 (1) SCALE425 ରେ ନଥିଭୁକ୍ତ ହୋଇଥିବା *C. I. T. ବନାମ ମେସର୍ସ ଓରାକଲ୍ ସଫ୍ଟୱେର୍ ଇଣ୍ଡିଆ ଲିମିଟେଡ୍* ମାମଲାରେ ଆମର ରାୟର ଅନୁଚ୍ଛେଦ 10 କୁ ମଧ୍ୟ ପୁନଃଉତ୍ଥାପନ କରିପାରିବା ।

> "ଉତ୍ପାଦନ" ଶବ୍ଦଟି ଏକ ପରିବର୍ତ୍ତନକୁ ସୂଚିତ କରେ, କିନ୍ତୁ, ପ୍ରତ୍ୟେକ ପରିବର୍ତ୍ତନ ଏକ ଉତ୍ପାଦନ ନୁହେଁ, ଯଦିଓ ଗୋଟିଏ ଜିନିଷରେ ପ୍ରତ୍ୟେକ ପରିବର୍ତ୍ତନ ଶ୍ରମ ବ୍ୟବହାର ଏବଂ କୌଶଳ ସାଧନର ଫଳାଫଳ ଅଟେ । ତେବେ, ଉତ୍ପାଦନର ଏହି ପରୀକ୍ଷଣକୁ ଉପରୋକ୍ତ ପ୍ରକ୍ରିୟା ସନ୍ଦର୍ଭରେ ଲକ୍ଷ୍ୟ କରିବା ଆବଶ୍ୟକ ଅଟେ । *ଯଦି କୌଣସି କାର୍ଯ୍ୟବିଧି/ପ୍ରକ୍ରିୟା କୌଣସି ଦ୍ରବ୍ୟ କିମ୍ବା ସାମଗ୍ରୀକୁ ବ୍ୟବହାର ପାଇଁ ଉପଯୁକ୍ତ କରିଥାଏ, ଅନ୍ୟଥା ଯାହା ଉପଯୁକ୍ତ ନୁହେଁ, ତେବେ କାର୍ଯ୍ୟବିଧି/ପ୍ରକ୍ରିୟା 'ଉତ୍ପାଦନ' ଶବ୍ଦର ଅର୍ଥ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥାଏ ।*

୫. ଏହି ମାମଲାର ତଥ୍ୟଗୁଡ଼ିକରେ ଉପରୋକ୍ତ ପରୀକ୍ଷଣକୁ ପ୍ରୟୋଗ କରିଲେ, ଏହା ସ୍ପଷ୍ଟ ଅଟେ ଯେ ଏକ କପଡାର ଉତ୍ପାଦନରେ ସରଳ ଭାବରେ POY ବ୍ୟବହୃତ ହେବା ପାଇଁ ଉପଯୁକ୍ତ ନୁହେଁ । ଏହା କେବଳ ସେତେବେଳେ ବ୍ୟବହାରଯୋଗ୍ୟ ହୁଏ ଯେତେବେଳେ ଏହା ତାପ ଯାନ୍ତ୍ରିକ ପ୍ରକ୍ରିୟା କୁହାଯାଉଥିବା କାର୍ଯ୍ୟବିଧି/ପ୍ରକ୍ରିୟା ଦେଇ ପରିବର୍ତ୍ତିତ ହୁଏ ଯାହା POYକୁ ଟେକ୍ସଚରାଇଜ୍ଡ ସୂତାରେ ପରିଣତ କରେ, ଫଳସ୍ୱରୂପ, ଯାହାକୁ କପଡା ଉତ୍ପାଦନ ପାଇଁ ବ୍ୟବହାର କରାଯାଏ । ଆଉ ଗୋଟିଏ କଥା ଉଲ୍ଲେଖ କରିବାର ଆବଶ୍ୟକତା ରହିଛି । 2009 ରେ ସଂଶୋଧିତ ହୋଇଥିବା ଆୟକର ଅଧିନିୟମ ଅନୁଯାୟୀ, *ମେସର୍ସ ଓରାକଲ୍ ସଫ୍ଟୱେର୍ ମାମଲାରେ* (ଉଲ୍ଲିଖିତ) ଏହି ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ପରୀକ୍ଷଣକୁ ସ୍ୱୀକୃତି ଦିଆଯାଇଛି ଯେତେବେଳେ ଅର୍ଥ ଅଧିନିୟମ ସଂଖ୍ୟା 2/2009 ଦ୍ୱାରା 'ଉତ୍ପାଦନ' ଶବ୍ଦର ସଂଜ୍ଞା ସ୍ପଷ୍ଟ କରାଯାଇଛି ଯେଉଁଥିରେ ଦର୍ଶାଯାଇଛି ଯେ ଅନ୍ୟାନ୍ୟ ବିଷୟ ମଧ୍ୟରେ 'ଉତ୍ପାଦନ', ଏକ ନୂତନ ଏବଂ ସ୍ୱତନ୍ତ୍ର ବସ୍ତୁ କିମ୍ବା ଜିନିଷକୁ ଅସ୍ତିତ୍ୱକୁ ଆଣିବାରେ କିମ୍ବା ଜିନିଷରେ ଏକ ଭିନ୍ନ ରାସାୟନିକ ସଂରଚନା କିମ୍ବା *ଅବିଚ୍ଛେଦ୍ୟ ସଂରଚନାରେ* ପରିବର୍ତ୍ତନ ହେବାକୁ ସୂଚାଇବ । ବର୍ତ୍ତମାନର ମାମଲାର ତଥ୍ୟଗୁଡିକରେ ଏହି ସଂଜ୍ଞାକୁ ପ୍ରୟୋଗ କରି, ଏହା ଉଲ୍ଲେଖ କରାଯାଇପାରେ ଯେ ତାପ ଯାନ୍ତ୍ରିକ ପ୍ରକ୍ରିୟା ମଧ୍ୟ ସୂତାରେ ଏକ ସଂରଚନାତ୍ମକ ପରିବର୍ତ୍ତନ ଆଣିଥାଏ, ଯାହା ପ୍ରକ୍ରିୟା ଉତ୍ପାଦନ କି

ନୁହେଁ ତାହା ବିଚାର କରିବା ସମୟରେ ଦେଖାଯିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ମଧ୍ୟରୁ ଗୋଟିଏ ଅଟେ । ପ୍ରକ୍ରିୟାଟି ଏକ ଉତ୍ପାଦନ କି ନୁହେଁ, ଏହି ପ୍ରଶ୍ନ ନିର୍ଣ୍ଣୟ କରିବା ସମୟରେ ଉତ୍ପାଦର ଢାଞ୍ଚା, ପ୍ରକୃତି, ବ୍ୟବହାର ଏବଂ ନାମକୁ ଧ୍ୟାନରେ ରଖିବା ଆବଶ୍ୟକ ।

9. ଉପସଂହାରରେ ଉପନୀତ ହେବା ପୂର୍ବରୁ, ଆମେ ସୂଚାଇ ପାରିବା ଯେ ବିଭାଗ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଆମ ନିକଟରେ *କମିଶନର ଅଫ୍ ସେଣ୍ଟ୍ରାଲ୍ ଏକ୍ସାଇଜ୍ ମୁମ୍ବାଇ-V* ବନାମ *ସ୍ୱସ୍ତିକ ରେୟନ ପ୍ରସେସର ମାମଲାରେ,* ଯାହା 2007 (209) E.L.T. 163 (S.C.) ରେ ନଥିଭୁକ୍ତ କରାଯାଇଥିଲା, ଏହି ଅଦାଲତର ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠର ରାୟକୁ ଉଲ୍ଲେଖ କରିଥିଲେ, ଯେଉଁଥିରେ ଏହା ନିର୍ଣ୍ଣୟ କରାଯାଇଥିଲା ଯେ ପଲିଷ୍ଟର୍ ଏବଂ ଭିସ୍କୋସ୍ ଅନ୍ତର୍ଭୁକ୍ତ ଥିବା ମିଶ୍ରିତ ସୂତା ସହିତ ସେଲୁଲୋସିକ୍ ଫିଲାମେଣ୍ଟ ସୂତାକୁ ଟ୍ୱିଷ୍ଟ କରିବା କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମର ଧାରା 2(F) ଅନୁଯାୟୀ ଉତ୍ପାଦନ ହେବ ନାହିଁ । ଆମ ମତରେ, ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତି ଗୁଡିକ ଉପରେ ଉକ୍ତ ରାୟର କୌଣସି ପ୍ରୟୋଗ ନାହିଁ । ଉପରେ ଉଲ୍ଲେଖ କରାଯାଇଥିବା ପରି, POY ହେଉଛି ଏକ ଅର୍ଦ୍ଧ-ସମାପ୍ତ ଉତ୍ପାଦ । ଏହା ଏକ କଞ୍ଚାମାଲ/ଉପାଦାନ ଅଟେ । ସେହି କଞ୍ଚାମାଲ କିମ୍ବା ଉପାଦାନ ତାପ ଯାନ୍ତ୍ରିକ ପ୍ରକ୍ରିୟା କାରଣରୁ ଏକ ଟେକ୍ସଚରାଇଜ୍ଡ ସୂତାରେ ପରିଣତ ହୁଏ । POY କପଡ଼ା ଉତ୍ପାଦନ ପାଇଁ ଅନୁପଯୁକ୍ତ ଅଟେ । ଉପରେ ଦର୍ଶାଯାଉଥିବା ପରି, POYର ଅର୍ଥ ହେଉଛି ଆଂଶିକ ଉନ୍ମୁଖ ସୂତା, ଯେତେବେଳେ କି ଏକ ସେଲୁଲୋସିକ ଫିଲାମେଣ୍ଟ ସୂତା ହେଉଛି ଏକ ଚୂଡ଼ାନ୍ତ ଉତ୍ପାଦ, ଏହି ଅର୍ଥରେ ଯେ ଏହାକୁ ସିଧାସଳଖ କପଡା ଉତ୍ପାଦନ ପାଇଁ ବ୍ୟବହାର କରାଯାଇପାରିବ । ଯଦି ଏହି ସଂଜ୍ଞାକୁ ଧ୍ୟାନରେ ରଖାଯାଏ, ତେବେ *ସ୍ୱସ୍ତିକ ରେୟନ ପ୍ରୋସେସର୍ସ ମାମଲା* (ଉପରୋକ୍ତ) ମାମଲାର ରାୟ ବର୍ତ୍ତମାନର ମାମଲାର ତଥ୍ୟଗୁଡିକ ଉପରେ ଲାଗୁ ହେବ ନାହିଁ ।

10. ଆମେ ପୁଣିଥରେ ସେହି ସତର୍କତାକୁ ଦୋହରାଇଛୁ ଯାହା ଆମେ ଏଠାରେ ଉପରେ ଉଲ୍ଲେଖ କରିଛୁ । ବର୍ତ୍ତମାନର ମାମଲାରେ ଆମର ରାୟ ବର୍ତ୍ତମାନର ମାମଲାର ତଥ୍ୟଗୁଡିକ ମଧ୍ୟରେ ସୀମିତ ରହିବ । ଆମେ ଏହା କହୁ ନାହୁଁ ଯେ ପ୍ରତ୍ୟେକ ଜିନିଷରେ ଆପେଆପେ ଟେକ୍ସଚରାଇଜିଂ କିମ୍ବା ଟ୍ୱିଷ୍ଟିଂ କରିବା ଉତ୍ପାଦନ ସହିତ ସମାନ ହେବ । ଏହା ହେଉଛି ତାପ ଯାନ୍ତ୍ରିକ ପ୍ରକ୍ରିୟା ଯାହା ଆଂଶିକ ରୂପରେ ଉନ୍ମୁଖ ସୂତା ଉପରେ ପ୍ରୟୋଗ କରିବା ସମୟରେ ଟ୍ୱିଷ୍ଟିଂ ଏବଂ ଟେକ୍ସଚରାଇଜିଂରେ ସଂଲଗ୍ନ ହୋଇଥାଏ, ଯାହା ପ୍ରକ୍ରିୟାକୁ ଏକ ଉତ୍ପାଦନ ରୂପେ ଗଣନା

କରିଥାଏ । ଏହି ପରିସ୍ଥିତିରେ *ସ୍ୱସ୍ତିକ ରେୟନ ପ୍ରସେସର ମାମଲାର* ରାୟ (ଉପରୋକ୍ତ) ଲାଗୁ ହେବ ନାହିଁ ।

11. ବର୍ତ୍ତମାନର ମାମଲାର ତଥ୍ୟଗୁଡିକରେ ଉପରୋକ୍ତ ପରୀକ୍ଷଣକୁ ପ୍ରୟୋଗ କରିଲେ, ଆମେ ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ରାୟରେ କୌଣସି ଅଦୃଢତା ପାଉନାହୁଁ । ତଦନୁସାରେ, ଖର୍ଚ୍ଚ ବିଷୟରେ କୌଣସି ଆଦେଶ ବିନା ବିଭାଗ ଦ୍ୱାରା ଦାଖଲ ହୋଇଥିବା ଦେୱାନୀ ଅପିଲ ଗୁଡିକୁ ଖାରଜ କରାଯାଉଛି ।

ଆର୍. ପି. ବିଭାଗ ଦ୍ୱାରା ଦାଖଲ ହୋଇଥିବା ଅପିଲ ଗୁଡିକୁ ଖାରଜ କରିଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ